# ମନ କୀ ବାତ୍

ଅଧ୍ୟାୟ ୧



# MANN KI BAAT
## VOL.9

**Authors**
Sarda Mohan and Tanushree Banerji

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Colourists**
Prakash Sivan and Prajeesh V. P.

**Layout Artist**
Akshay Khadilkar

**Published by**
Amar Chitra Katha Pvt. Ltd

**ODIA**

ISBN – 978-93-6127-201-1

Amar Chitra Katha Pvt. Ltd, January 2024

© Ministry of Culture, Govt of India, January 2024
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.



ମୋର ପ୍ରିୟ ପିଲାମାନେ,

ଆପଣମାନଙ୍କ ଭଳି ଛୋଟ ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ଦେଖିଲେ ମୋତେ ବହୁତ ଖୁସି ଲାଗେ। ଶିକ୍ଷାଗତ କିମ୍ବା ପେସାଦାର ବିକଳ୍ପ ଜରୁରି ନୁହେଁ - କେବଳ ନିଜ ଇଚ୍ଛା ପୂରଣ କରିବା ଲାଗି ପ୍ରୟାସ କରିବା ଓ ଦକ୍ଷତା ବୃଦ୍ଧି ପାଇଁ ଆପଣମାନେ କଠିନ ପରିଶ୍ରମ କରୁଥିବା ଦେଖିଲେ ମୋତେ ଆମ ଦେଶର ଭବିଷ୍ୟତକୁ ନେଇ ଅନେକ ଆଶା ମିଳିଥାଏ।

ଏହି ଅଧ୍ୟାୟରେ, ଆପଣମାନେ ବେଦାଙ୍ଗୀ କୁଲକର୍ଣ୍ଣୀ ନାମ୍ନୀ ଜଣେ ଯୁବତୀଙ୍କ ବିଷୟରେ ଜାଣିବେ। ସାଇକେଲ୍ ଚଳାଇବାକୁ ସେ ଏତେ ଉପଭୋଗ କରନ୍ତି ଯେ, ନିଜ ସାଇକେଲ୍ ଧରି ବିଶ୍ୱ ଭ୍ରମଣ କରିବାରେ ସେ ସର୍ବକନିଷ୍ଠ ମହିଳା ହୋଇପାରିଛନ୍ତି।

ନଅ ବର୍ଷ ବୟସ୍କ କ୍ରିଷ୍ଟିଲ୍ ଅନୀଲ ରୁବିକ୍ କ୍ୟୁବକୁ ନେଇ ବିଶେଷ ଆଗ୍ରହୀ ଏବଂ ସେ ଏହାକୁ ଏକ କଳାରେ ପରିଣତ କରି ଦେଇଛନ୍ତି। ଜନ୍ମରୁ ସେରେବ୍ରାଲ୍ ପାଲସୀ ରୋଗରେ ପୀଡ଼ିତ ଜୀଗର ଠାକର ନିଜ ଅଧ୍ୟବସାୟ ବଳରେ ପୁରସ୍କାର ବିଜେତା ପାରା ସନ୍ତରଣକାରୀ ହୋଇପାରିଛନ୍ତି।



ଏମିତି କେତେ ଜଣ ବୟସ୍କ ମଧ୍ୟ ଅଛନ୍ତି ଯେଉଁମାନେ ଅଣପାରମ୍ପରିକ ବିକଳ୍ପ ଚୟନ କରି ଖୁସି ବାଣ୍ଟୁଛନ୍ତି। ମୀରା ଶିନଏ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ପାଇଁ ନିଜ ଜୀବନକୁ ସମର୍ପି ଦେଇଛନ୍ତି। ଶ୍ରୀଧର ଭେମ୍ପୁ ଗ୍ରାମୀଣ ଭାରତର ଯୁବବର୍ଗଙ୍କ ସଶକ୍ତିକରଣ ଦାୟିତ୍ୱ ନେଇଛନ୍ତି।

ମନେ ରଖନ୍ତୁ, ଆପଣଙ୍କ ପସନ୍ଦ ଆପଣଙ୍କ ଜୀବନର ଗୁଣବତ୍ତା ବଢ଼ାଇଥାଏ। ମନ କଥା ଶୁଣନ୍ତୁ ଓ ସଠିକ୍ ନିଷ୍ପତ୍ତି ନିଅନ୍ତୁ।



# ବିଷୟବସ୍ତୁ


| | | |
|---|---|---|
| 1 | ବଡ଼ୌତ ଗ୍ରାମ | 3 |
| 2 | ଚନ୍ଦ୍ରକାନ୍ତ କୁଲକର୍ଣ୍ଣୀ | 5 |
| 3 | ଚିନ୍ମୟ ଓ ପ୍ରଜ୍ଞା ପାଟଙ୍କର | 7 |
| 4 | ହିରାମନ କୋରୱା | 10 |
| 5 | ଜିଗର ଠାକର | 13 |
| 6 | କ୍ରିଷ୍ଟିଲ୍ ଅନୀଲ | 16 |
| 7 | ମଦୁରାଇ ଚିନ୍ନା ପିଲାଇ | 18 |
| 8 | ମୀରା ଶିନଏ | 21 |
| 9 | ରିଂଫାମୀ ୟଙ୍ଗ | 24 |
| 10 | ଶ୍ରୀଧର ଭେମ୍ବୁ | 27 |
| 11 | ବେଦାଙ୍ଗୀ କୁଲକର୍ଣ୍ଣୀ | 30 |


ବଡ଼ୌତ ଗ୍ରାମ
ବିଜ୍ଞାନ ପିରିୟଡ୍ ଥିଲା ଏବଂ ଶ୍ରେଣୀରେ ମଳ ଜଳ ନିଷ୍କାସନ ବିଷୟରେ ପଢ଼ା ହେଉଥିଲା।
ମଳ ଜଳକୁ ଠିକ୍ ଭାବେ ନିଷ୍କାସନ କରାନଗଲେ, ଏହାଦ୍ୱାରା ରୋଗ ବ୍ୟାପିବାର ଆଶଙ୍କା ରହିଥାଏ।
ଗତ ମାସରେ ଆମ ଘର ପାଖରେ ଥିବା ମଳ ଜଳ ପାଇପ୍ ଫାଟିଥିଲା। ଏହା ଅତି ଦୁର୍ଗନ୍ଧ ଯୁକ୍ତ ଥିଲା!
ଏତେ ଦୁର୍ଗନ୍ଧରେ ତୁମେ କେମିତି ରହିପାରିଲ?
କେଉଁମାନେ କିଛି ସମୟ ବିଶ୍ରାମ ନେଇ ଗୋଟିଏ ମନ୍ କୀ ବାତ୍ ଶୁଣିବାକୁ ଚାହୁଁଛ?
ଆମେ!
ହଁ!
ହରିୟାଣା ପଞ୍ଚକୁଲାର ବଡ଼ୌତ ଗ୍ରାମରେ-
ଉଁ! ଭରି ଯାଇଥିବା ସେହି ନାଳରୁ ବହୁତ ଉତ୍କଟ ମଳ ଗନ୍ଧ ଆସୁଛି।
ମୋ ପିଲାମାନେ ଅସୁସ୍ଥ ହୋଇପଡୁଛନ୍ତି। ଚାରିଆଡ଼େ ମଇଳା ପାଣି ପାଇଁ ଏମିତି ହେଉଛି ବୋଲି ମୁଁ ନିଶ୍ଚିତ।
ଗତ କିଛି ଦିନ ହେବ ଗାଁରେ ମଳ ଜଳ ନିଷ୍କାସନକୁ ନେଇ ସମସ୍ୟା ଲାଗି ରହିଛି।
ଏଠୁ ପରିବା କିଣିବାକୁ ମୋର ଇଚ୍ଛା ନାହିଁ। ଏସବୁ ଅତି ଅପରିଷ୍କାର!
କିନ୍ତୁ ଗାଁ ସାରା ଏମିତି ପରିସ୍ଥିତି। ଆମେ କ'ଣ କରିପାରିବା?


ଗ୍ରାମ ପଞ୍ଚାୟତ ପାଇଁ ଏହି ସମସ୍ୟାର ସମାଧାନ ସର୍ବୋଚ୍ଚ ପ୍ରାଥମିକତା ଥିଲା*।
ସରପଞ୍ଚ ମହାଶୟ, ଗାଁ ସାରା ଏତେ ରୋଗ ବ୍ୟାପୁଛି। ମଳ ଜଳ ନିଷ୍କାସନ ପାଇଁ ଆମର ଏକ ବ୍ୟବସ୍ଥା ରହିବା ଉଚିତ୍।
ମୁଁ ରାଜି। ଆମେ କୌଣସି ପାଣ୍ଠି କିମ୍ବା ସାହାଯ୍ୟ ପାଇଁ ଅପେକ୍ଷା କରିବା ନାହିଁ। ଚାଲ ଆମେ ନିଜ ଆଡୁ ଏହି ସମସ୍ୟାର ସମାଧାନ ଦାୟିତ୍ୱ ନେବା।


ଅନେକ ବୈଠକ ପରେ, ଧୀରେ ଧୀରେ ଏକ ସମାଧାନ ଆଗକୁ ଆସିଲା।
ଯଦି ଆମେ ପାଇପ୍ ଜରିଆରେ ସବୁ ମଳ ଜଳକୁ ଗୋଟିଏ ସ୍ଥାନରେ ଏକାଠି କରିବା, ତା'ହେଲେ ଏହାକୁ ନିଷ୍କାସନ କରିବା ସହଜ ହେବ।
ହଁ, ଆମେ ଏହାକୁ ଘରଗୁଡ଼ିକ ଠାରୁ ଦୂର ଗାଁ ବାହାରେ ଏକତ୍ରିତ କରିପାରିବା।


ଏ ପାଣିକୁ ଆମେ ବିଶୋଧନ କରିବା ନାହିଁ କାହିଁକି? ଏହାକୁ ଆମେ କୃଷି କାର୍ଯ୍ୟରେ ଉପଯୋଗ କରିପାରିବା।
ତାହା ଏକ ଚମତ୍କାର ଉପାୟ!


ଗାଁ ଲୋକଙ୍କ ସହାୟତାରେ ପଞ୍ଚାୟତ ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି କାମ ଆରମ୍ଭ କଲା।


ଖୁବଶୀଘ୍ର -
ଦେଖ ଗାଁ ପୁଣିଥରେ କେମିତି ପରିଷ୍କାର ଦେଖାଯାଉଛି!
ହଁ, ପଞ୍ଚାୟତ ଯେମିତି ଭାବେ ସମସ୍ୟା ସମାଧାନ କଲା ଏବଂ ସେମାନଙ୍କୁ ସମସ୍ତେ ଯେପରି ସହଯୋଗ ଯୋଗାଇଦେଲେ ତା'କୁ ନେଇ ମୁଁ ଗର୍ବିତ!
ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ରେଡିଓ ଶୋ' ମନ କୀ ବାତ୍‌ରେ ବଡ଼ୌତ ଲୋକଙ୍କୁ ପ୍ରଶଂସା କରିଥିଲେ।

*ଗ୍ରାମ ପରିଷଦ

# ଚନ୍ଦ୍ରକାନ୍ତ କୁଲକର୍ଣ୍ଣୀ




*ଇସଲାମର ଅନୁଗାମୀମାନେ କରୁଥିବା ଏକପ୍ରକାର ଦାନ




*ସ୍ୱଚ୍ଛ ଭାରତ ଅଭିଯାନ

# ଚିନ୍ମୟ ଓ ପ୍ରଜ୍ଞା ପାଟଙ୍କର




ସେମାନେ 2009ରେ ନ୍ୟୁ ଜର୍ସୀ* ଚାଲିଯିବା ପରେ, କିଛି ସମୟ ପାଇଁ ମଲ୍ଲଖମ୍ବଠାରୁ ଦୂରେଇ ଯାଇଥିଲେ, କିନ୍ତୁ ତାହା ଖୁବ୍ ଶୀଘ୍ର ବଦଳିଗଲା।
ଏବେ ଆମ ଘର ପଛପଟେ ଖୁଣ୍ଟ ପୋତିବା ପାଇଁ ବ୍ୟାପ୍ତର ସ୍ଥାନ ଅଛି, ସେଠାରେ ଆମେ ପୁଣିଥରେ ଅଭ୍ୟାସ କରିପାରିବା।
ପୁଣିଥରେ ଅଭ୍ୟାସ କରିବା ଲାଗି ମୁଁ ଉତ୍ସାହିତ!
ପ୍ରାରମ୍ଭରେ, ଅଳ୍ପ କିଛି ବନ୍ଧୁଙ୍କୁ ନେଇ ଏହା ଏକ ଅଭ୍ୟାସ ଥିଲା। କିନ୍ତୁ ଏ କଥା ସବୁଆଡ଼େ ପ୍ରଚାରିତ ହୋଇଗଲା...
ଖୁଣ୍ଟ ଉପରେ ଯୋଗ!
ମା', ମୁଁ ଏହା ଶିଖିବାକୁ ଚାହୁଁଛି!
... ଲୋକମାନେ ଏଥିପ୍ରତି ଆଗ୍ରହୀ ହେଲେ
ଚିନ୍ମୟ ଓ ପ୍ରଜ୍ଞା ସେମାନଙ୍କୁ ତାଲିମ ଦେବା ଆରମ୍ଭ କଲେ।
ତିନି ପ୍ରକାରର ମଲ୍ଲଖମ୍ବ ଅଛି। ଆଜି, ଆମେ ରଶିରେ ମଲ୍ଲଖମ୍ବ ଶିଖିବା।
ମୁଁ ଏହାକୁ କରିବା ସମୟରେ ଆପଣମାନେ ଭଲ ଭାବେ ଧାନ ଦିଅନ୍ତୁ।
ଶିଖିବା ଲୋକଙ୍କ ସଂଖ୍ୟା ବଢ଼ିବା ଫଳରେ, ଚିନ୍ମୟ ଏକ ସଂସ୍ଥାଗତ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଚାହିଁଲେ। କିନ୍ତୁ -
ମୋ ଭିସାରେ ମୋତେ ବ୍ୟବସାୟ କରିବା ଲାଗି ଅନୁମତି ମିଳିବ ନାହିଁ।
ଆମେ ଏହାକୁ ଏକ ଅଣଲାଭଜନକ ସଂସ୍ଥା ଭାବେ ପ୍ରତିଷ୍ଠା କରିପାରିବା। ଆମ ବନ୍ଧୁମାନେ ମଧ୍ୟ ସହାୟତା କରିପାରିବେ।
ଏହାପରେ 2015ରେ ଆମେରିକୀୟ ମଲ୍ଲଖମ୍ବ ଫେଡରେସନ୍ (ଏମଏଫୟୁ) ପ୍ରତିଷ୍ଠା କରାଗଲା।

*ଆମେରିକାର ଏକ ରାଜ୍ୟ।




*ଅନ୍ତର୍ଜାତୀୟ ଯୋଗଦିବସ

# ହୀରାମନ କୋରୱା


ପିଲାମାନେ ନିଜ ଦିନର ମନ୍ କୀ ବାତ୍ କାହାଣୀ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିଲେ।
ଆମେ ଏବେ ନିଜ ସଂସ୍କୃତ ପରୀକ୍ଷା ସମାପ୍ତ କରିଛୁ, ସାର୍। ଏବେ ମୋତେ ଆରାମ ପାଇଁ ଗୋଟିଏ କାହାଣୀ ଶୁଣିବାର ଆବଶ୍ୟକତା ରହିଛି।
ଏହା ସତ କଥା! ଏବେ ଆଉ କେହି ସଂସ୍କୃତ କହୁନାହାନ୍ତି। ଆମେ କାହିଁକି ଏହା ଶିଖିବା ଉଚିତ୍?
ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ସଂସ୍କୃତ କହୁଛନ୍ତି। ଏହାବ୍ୟତୀତ, ଏହାକୁ ଜାଣିବା ବିନା ଆମେ କିଭଳି ଆମର ପ୍ରାଚୀନ ଗ୍ରନ୍ଥ ପଢ଼ିପାରିବା?
ରାମାୟଣ ଓ ମହାଭାରତ ଭଳି?
ଠିକ୍ କଥା। ଭାରତରେ ଅନେକ ଭାଷା ରହିଛି ଯାହା ବିଲୁପ୍ତ ହେବାର ବିପଦରେ ରହିଛି କାରଣ ସେଗୁଡ଼ିକୁ କେହି ବ୍ୟବହାର କରୁନାହାନ୍ତି। ଝାଡ଼ଖଣ୍ଡ ସିଞ୍ଜୁ ଗ୍ରାମର ହୀରାମନ କୋରୱାଙ୍କ ମନକୁ ମଧ ଏହି ଚିନ୍ତା ଆସିଥିଲା।
ହୀରାମନ ଛୋଟ ଥିବା ସମୟରେ ନିଜ ଜନଜାତିର ଭାଷା ତାଙ୍କ ମନରେ ଆଗ୍ରହ ଜନ୍ମାଇଥିଲା।
ଜେଜେ ମା' କଥା ହେବା ସମୟରେ ତାଙ୍କ କଥାରେ ଅନେକଗୁଡ଼ିଏ ଅଭିବ୍ୟକ୍ତି ରହିଥାଏ।
ତାହା ହେଉଛି ଭାଷାର ଶକ୍ତି।













*ଝାଡ଼ଖଣ୍ଡର ଏକ ସହର


ଗୋବିନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଗକୁ ପଢ଼ିବା ପାଇଁ ହୀରାମନଙ୍କୁ ଉତ୍ସାହିତ କଲେ। ଇତିମଧ୍ୟରେ କୋରୱା ଶବ୍ଦ ଲେଖା ଥିବା ଡାଏରୀଗୁଡ଼ିକର ସଂଖ୍ୟା ବଢ଼ିଚାଲିଲା।
ଏହା ହେଉଛି ମୋର ଷଷ୍ଠ ଡାଏରୀ।
ହୀରାମନ 12 ବର୍ଷ ଧରି ନିଜ ମାତୃଭାଷାର ଶବ୍ଦ ସଂଗ୍ରହ ଜାରି ରଖିଲେ...
... କିନ୍ତୁ ଏହାକୁ ଏକ ଶବ୍ଦକୋଷ ଭାବେ ପ୍ରକାଶ କରିବା ଲାଗି ତାଙ୍କ ପାଖରେ ପାଣ୍ଠି ନଥିଲା। ଯଦିଓ ସେ ଜଣେ ସହାୟକ ଶିକ୍ଷକ ଭାବେ କାମ କରୁଥିଲେ, ତଥାପି ତାଙ୍କୁ ଆର୍ଥିକ ସହାୟତା ଆବଶ୍ୟକ ହୋଇଥିଲା। ଶେଷରେ -
ଆମ ସଂଘ କୋରୱା ଶବ୍ଦକୋଷ ପାଇଁ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ନେଲା।
ବହୁତ ବହୁତ ଧନ୍ୟବାଦ, ସାର୍।
ଶେଷରେ ଝାଡ଼ଖଣ୍ଡ ପାଲାମୁର ବହୁମୁଖି-କଳା ସଂଘ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲା।
ମୋ ଜନଜାତିର ଏକାଧିକ ଲୋକଙ୍କ ସହିତ କଥା ହେବା ଫଳରେ ଏହି 50 ପୃଷ୍ଠା ବିଶିଷ୍ଟ ଶବ୍ଦକୋଷ ପ୍ରସ୍ତୁତ କରାଯାଇଛି। ଏଥିରେ ପଶୁ, ପକ୍ଷୀ, ରଙ୍ଗ, ପୋଷାକ, ଘରକରଣା ସାମଗ୍ରୀ ଏବଂ ଆମେ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସବୁ ଜିନିଷର ନାମ ରହିଛି।
କୋରवा भाषा शब्दकोष
ଯେକୌଣସି ସମ୍ପ୍ରଦାୟ ନିଜ ଭାଷା ଏବଂ ସଂସ୍କୃତି ଦ୍ୱାରା ପରିଚିତ ହୋଇଥାଏ। ଏହାକୁ ଭୁଲିଯିବା ଦ୍ୱାରା, ଆମେ ଆମର ପରିଚୟ ହରାଇବା।

# ଜୀଗର ଠାକ୍କର


ଚରଣ, ତୁମର କ'ଣ ହୋଇଛି?
ମୁଁ ସ୍ଥାନୀୟ ବାସ୍କେଟ୍ ବଲ୍ ଦଳରେ ସାମିଲ ହେବାକୁ ଚେଷ୍ଟା କରୁଛି, ସାର୍। କିନ୍ତୁ ମୋ ଉଚ୍ଚତା ଯଥେଷ୍ଟ ନୁହେଁ ବୋଲି କହି ସେମାନେ ମୋତେ ମନା କରି ଦେଉଛନ୍ତି।
ଚରଣ ମନ ଦୁଃଖ କର ନାହିଁ। ସେମାନଙ୍କୁ ଭୁଲ ପ୍ରମାଣିତ କର। ମୁଁ ତୁମକୁ ଜୀଗର ଠାକ୍କର ନାମକ ଜଣେ ଯୁବକଙ୍କ କଥା କହିବି, ଯିଏକି ନାନା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜଣେ ପୁରସ୍କାର ବିଜେତା ସନ୍ତରଣକାରୀ ହୋଇପାରିଛନ୍ତି।
ଜୀଗର ଠାକ୍କର 1998 ମସିହାରେ ଗୁଜରାଟର ରାଜକୋଟରେ ଜନ୍ମଗ୍ରହଣ କରିଥିଲେ। ହେଲେ ଜନ୍ମର କିଛିଦିନ ପରେ ତାଙ୍କ ବାପା-ମା'ଙ୍କ ଖୁସି ଚିନ୍ତାରେ ପରିଣତ ହୋଇଗଲା।
ତାଙ୍କ ଗୋଡ଼ ଦୁଇଟି ସବଳ ହେଉନଥିଲା। ସେଗୁଡ଼ିକ ତଳକୁ ମୋଡ଼ି ହୋଇଚାଲିଥିଲା।
ତାଙ୍କୁ 2 ମାସ ବୟସ ହେବା ବେଳକୁ -
ମୋତେ ଆପଣଙ୍କୁ ଦୁଃଖର ସହିତ କହିବାକୁ ପଡୁଛି ଯେ ଜୀଗର ସେରେବ୍ରାଲ୍ ପାଲ୍ସୀ ନାମକ ରୋଗରେ ପୀଡ଼ିତ।
ଏହାର ଅର୍ଥ କ'ଣ?
ଏହାର ଅର୍ଥ ହେଉଛି ତାଙ୍କ ମସ୍ତିଷ୍କ ତାଙ୍କ ଶରୀରକୁ ଠିକ୍ ଭାବେ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବ ନାହିଁ। ତାଙ୍କ ପାଇଁ ଚାଲିବା ଓ ଆଖପାଖରେ ବୁଲିବା ଏକ ସମସ୍ୟା ହୋଇଯିବ। ଏପରିକି ତାଙ୍କର ସନ୍ତୁଳନ ରହିବ ନାହିଁ।
ତେଣୁ ସେ କେବେ ବି ସ୍ୱାଧୀନ ଜୀବନଯାପନ କରିପାରିବେ ନାହିଁ?
ସେ ପାରିବେ। ଆମେ ତାହା ସୁନିଶ୍ଚିତ କରିବୁ।
ମନ କଷ୍ଟ କରିବା ବଦଳରେ, ଜୀଗରଙ୍କ ବାପା-ମା' ଜଣେ ଫିଜିଓଥେରାପିଷ୍ଟଙ୍କ ସହ କଥା ହେଲେ ଏବଂ ତାଙ୍କର ବ୍ୟାୟାମ ଅଭ୍ୟାସ କରାଇଲେ।


ଜୀଗରଙ୍କୁ ଯେତେବେଳେ ୪ ବର୍ଷ ବୟସ ହୋଇଥିଲା-
ସେ ବହୁତ ଉତ୍ସାହୀ କିନ୍ତୁ ଯଦି ଆମେ ତାଙ୍କ ପସନ୍ଦର କୌଣସି କ୍ରୀଡ଼ାକୁ ବାଛିପାରିବା ତା'ହେଲେ ତାଙ୍କ ପାଇଁ ଭଲ ହେବ। ଏହା ତାଙ୍କ ମାଂସପେଶୀକୁ ଦୃଢ଼ କରିବ।
ସେମାନେ କେତେକ କ୍ରୀଡ଼ାରେ ଚେଷ୍ଟା କଲେ କିନ୍ତୁ କିଛି ଲାଭ ହେଲା ନାହିଁ।
ତା'ପରେ, ଫିଜିଓଥେରାପିଷ୍ଟ ସନ୍ତରଣ ପାଇଁ ପରାମର୍ଶ ଦେଲେ।
ନା, ଆମେ ତାକୁ ସନ୍ତରଣାଗାରରେ ସୁରକ୍ଷା ଦେଇପାରିବୁ ନାହିଁ। ସେ ବୁଡ଼ିଯାଇ ପାରେ!
ଯଦି ଆଗ ମୁଁ ପହଁରିବା ଶିଖିବି ତା'ହେଲେ ମୁଁ ତାକୁ ପାଣିରେ ସବୁବେଳେ ସୁରକ୍ଷା ଦେଇପାରିବି।
ଜୀଗରଙ୍କ ମା' ତୁରନ୍ତ ପହଁରିବା ଶିଖିଗଲେ ଏବଂ ଖୁବଶୀଘ୍ର, ଜୀଗର ମଧ୍ୟ ପହଁରିବା ଆରମ୍ଭ କଲେ!
ହେ ହେ!
ସେ ଏହାକୁ ଭଲ ପାଆନ୍ତି!
ସ୍ପ୍ଲାସ୍
ସ୍ପ୍ଲାସ୍
ତା'ପର ବର୍ଷ, ଜୀଗର ଜିଲ୍ଲା-ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ନିଜ ବିଦ୍ୟାଳୟର ପ୍ରତିନିଧିତ୍ୱ କଲେ।
ଆପଣ ବିଶ୍ୱାସ କରିପାରୁଛନ୍ତି କି ସେଠି ବସିଥିବା ପିଲାର ନିଜ ଶରୀର ଉପରେ ୪0% ନିୟନ୍ତ୍ରଣ ନାହିଁ? ସେ ସକ୍ଷମ ପିଲାମାନଙ୍କ ସହିତ ପ୍ରତିଯୋଗିତା କରୁଛି ।
14 ବର୍ଷ ବୟସ ହେବା ବେଳକୁ ଜୀଗର ଅତ୍ୟନ୍ତ ଅନୁପ୍ରାଣିତ ଏବଂ ଆକାଂକ୍ଷୀ ହୋଇସାରିଥିଲେ।
ମୁଁ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିରେ ଅଂଶଗ୍ରହଣ କରିବାକୁ ଚାହୁଁଛି। ମୁଁ ଏ ବିଷୟରେ ଇଣ୍ଟରନେଟ୍‌ରେ ଅନୁସନ୍ଧାନ କରିଛି ଏବଂ ଜିମ୍ ଯିବା ଦ୍ୱାରା ଏଥିରେ ଭାଗ ନେବା ମୋ ପାଇଁ ସହଜ ହେବ।
ଖୁବ୍ ଶୀଘ୍ର, ଜୀଗର ଏକ ଦିନଚର୍ଯ୍ୟା ପାଳନ କଲେ। ସେ ସକାଳେ ସନ୍ତରଣ କରୁଥିଲେ, ସ୍କୁଲ୍ ଯାଉଥିଲେ, ଜିମ୍‌ରେ ତାଲିମ ନେଉଥିଲେ ଏବଂ ସେଠାରୁ ଫେରି ପୁଣିଥରେ ସନ୍ତରଣ ଅଭ୍ୟାସ କରୁଥିଲେ।




*ଇଣ୍ଟରନେସନାଲେ ଡ୍ୟୁସ ମିଷ୍ଟରଚାଫ୍ଟେନ୍, ଜର୍ମାନୀ ଦ୍ୱାରା ଆୟୋଜିତ ଏକ ପାରା ସନ୍ତରଣ ବିଶ୍ୱ ଚାମ୍ପିଅନ୍ସିପ୍।

# କ୍ରିଷ୍ଟିଲ୍ ଅନୀଲ୍




*ମାଲାୟଲମରେ ମା'
^ ମାଲାୟଲମରେ ବାପା


ବିଭିନ୍ନ ଦେଶର ପତାକା ଭଳି ସହଜ ଚିତ୍ରଠାରୁ ଆରମ୍ଭ କରି....
... ଖୁବ୍ ଶୀଘ୍ର କ୍ରିଷ୍ଟିଲ୍ ସମ୍ପୂର୍ଣ୍ଣ ମୋଜାଇକ୍ ଚିତ୍ର ତିଆରି ଆରମ୍ଭ କରିଦେଇଥିଲେ।
ସେ ନିଜ ବନ୍ଧୁ, ଶିକ୍ଷକ ଏବଂ କ୍ରୀଡ଼ାବିତ୍ ଓ ଚଳଚ୍ଚିତ୍ର ତାରକାଙ୍କ ଛବି ମଧ୍ୟ ତିଆରି କରିଥିଲେ।
ଏମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତିତ୍ୱ ସାମାଜିକ ଗଣମାଧ୍ୟମରେ ତାଙ୍କ କାମକୁ ଶେୟାର କରିଥିଲେ, ଯାହା ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା।
କ୍ରିଷ୍ଟିଲ୍ ମଧ୍ୟ ରାହୁଲ ଗାନ୍ଧୀ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୋଜାଇକ୍ ଛବି ପ୍ରସ୍ତୁତ କରିଥିଲେ। ରାହୁଲ ଗାନ୍ଧୀ ତାଙ୍କୁ ସାକ୍ଷାତ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ମନ୍ କୀ ବାତ୍‌ରେ ତାଙ୍କ ବିଷୟରେ ଉଲ୍ଲେଖ କରିଥିଲେ।
3X3 ରୁବିକ୍ କ୍ୟୁବ୍‌ରେ ଦକ୍ଷତା ହାସଲ କରିବା ପରେ ସେ ସବୁ ଆକାର ଓ ଆକୃତିର କ୍ୟୁବ୍ ସମାଧାନ କରିବା ଶିଖିଲେ।
ତାଙ୍କର ୟୁଟ୍ୟୁବ୍ ଚାନେଲ, 'କ୍ରିଷ୍ଟିଲ୍ ଅନୀଲ', ରେ ପ୍ରାୟ 200 ଭିଡିଓ ରହିଛି। ଏଥିରେ ତାଙ୍କ ମୋଜାଇକ୍ ଛବିର ଟାଇମ୍-ଲାପ୍ସ ଫୁଟେଜ୍, ବିଭିନ୍ନ କ୍ୟୁବ୍‌ର ଭିଡିଓ ରିଭ୍ୟୁ ଏବଂ ରୁବିକ୍ କ୍ୟୁବ୍ ସମାଧାନ କରିବାରେ ଅନ୍ୟମାନଙ୍କୁ ସହାୟତା କରିବା ଲାଗି ଟ୍ୟୁଟୋରିଆଲ୍ ଆଦି ରହିଛି।
ପ୍ରଥମେ, ଆପଣଙ୍କୁ ଗୋଟିଏ ପଟୁ ଏକ କ୍ରସ୍ କରିବାକୁ ହେବ।
କ୍ରିଷ୍ଟିଲଙ୍କୁ ଏବେ ନଅ ବର୍ଷ ବୟସ, ସେ କ୍ୟୁବିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥା'ନ୍ତି ଏବଂ ଦିନେ ଜଣେ ଖେଳାଳୀ ଭାବେ ଭଲ ମାନ୍ୟତା ପାଇବାକୁ ତାଙ୍କର ଲକ୍ଷ୍ୟ ରହିଛି।

# ମଦୁରାଇ ଚିନ୍ନା ପିଲାଇ




*ମହାଶୟ




*ତାମିଲନାଡୁରେ

^ତାମିଲରେ ଏହାର ଅର୍ଥ 'ଅନ୍ନଭଣ୍ଡାର' ଏବଂ 'ସମୃଦ୍ଧି'


ଚିନ୍ନା ମଧ୍ୟ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କଲେ ଏବଂ ଗାଁ ଗାଁ ବୁଲି ପ୍ରଚାର ଚଳାଇଲେ।
ଆମେ ଗତ କିଛି ବର୍ଷ ହେବ ଏହି କାମ କରି ଆସୁଛୁ। ଆମେ ଏବେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ନୋହୁଁ।
ଆମେ ମଧ୍ୟ ଏମିତି ଆରମ୍ଭ କରିବା ଉଚିତ୍!
ହଁ।
ତାଙ୍କର ଅସାଧାରଣ କାର୍ଯ୍ୟ ପାଇଁ, ଚିନ୍ନା କଲଞ୍ଜିଆମ୍ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ହେଲେ।
ଆପଣଙ୍କ କାରଣରୁ, ଅନେକ ମହିଳା ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି ଏବଂ ରାଜ୍ୟ ସାରା ନିଜର ଗୋଷ୍ଠୀ ଗଠନ କରିଛନ୍ତି।
ଦୁଇ ଦଶନ୍ଧି ଧରି, ଏହି ଆନ୍ଦୋଳନ ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ପୁଡୁଚେରୀର ଶତାଧିକ ଗ୍ରାମରେ ପ୍ରସାରିତ ହୋଇଛି।
ମାଇକ୍ରୋଫାଇନାନ୍ସ ଓ ଗୋଷ୍ଠୀ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପାଇଁ ଚିନ୍ନା ପିଲାଇ 1999ରେ ପ୍ରଥମ ସ୍ତ୍ରୀ ଶକ୍ତି ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।
ଚିନ୍ନାଙ୍କ ବିଷୟରେ ଶୁଣିବା ପରେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସମ୍ମାନ ପୂର୍ବକ ତାଙ୍କର ପାଦ ଛୁଇଁଥିଲେ।
2019ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମଧ୍ୟ ଦିଆଯାଇଥିଲା।
ତାମିଲନାଡୁର ଏକ ଛୋଟ ଗାଁର ଜଣେ ଅଶିକ୍ଷିତ କୃଷି ଶ୍ରମିକ ଚିନ୍ନା ପିଲାଇ ସେ ସମସ୍ତଙ୍କ ପାଇଁ ଏକ ପ୍ରେରଣା ଯେଉଁମାନଙ୍କ ସଫଳତାରେ ପ୍ରତିକୂଳ ପରିସ୍ଥିତି ବାଧା ସୃଷ୍ଟି କରିପାରେ ନାହିଁ।

# ମୀରା ଶିନଏ



ତୁମେ ଏତେ ଧ୍ୟାନ ଦେଇ କ'ଣ ପାଇଁ ପ୍ରସ୍ତୁତ ହେଉଛ, ଶ୍ରେୟସ୍?
ଏହା ସବୁଠୁ ରୋଚକ କାହାଣୀ, ସୋନଲ! ଏହା ଅରୁଣୀମା ସିହ୍ନାଙ୍କ ବିଷୟରେ, ଯାହାଙ୍କୁ ଚଳନ୍ତା ଟ୍ରେନରୁ ଠେଲି ଦିଆଯିବା କାରଣରୁ ସେ ତାଙ୍କର ଗୋଡ଼ ହରାଇଥିଲେ।
...ତଥାପି ସେ ମାଉଣ୍ଟ ଏଭରେଷ୍ଟ ଚଢ଼ିଥିଲେ!
ଅନେକ ଦିବ୍ୟାଙ୍ଗ ଲୋକ ନିଜ ଜୀବନରେ ଉତ୍କର୍ଷ ହାସଲ କରିଛନ୍ତି। ମୀରା ଶିନଏ ଏମିତି ଜଣେ ବ୍ୟକ୍ତିତ୍ୱ ଯିଏକି ଦିବ୍ୟାଙ୍ଗ ଲୋକମାନଙ୍କୁ ସେମାନଙ୍କ ସମ୍ଭାବନାକୁ ଉପଯୋଗ କରିବାରେ ସହାୟତା କରିଥା'ନ୍ତି।
ପିଲାଦିନେ, ମୀରା ଶିନଏ ଦୁଇ ଜଣଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ତାଙ୍କ ଜେଜେ ବାପା....
ମନେ ରଖ ମୀରା। ତୁମେ ନିଜ ରୋଜଗାରର ଦଶ ପ୍ରତିଶତ ସେହି ଲୋକମାନଙ୍କୁ ଦେବା ଉଚିତ୍ ଯେଉଁମାନେ...
... ଯିଏକି ଉଦାର ହୃଦୟ ଥିବା ସରଳ ବ୍ୟକ୍ତି ଥିଲେ....
... ଆଉ ତାଙ୍କ ମା', ଯିଏକି ଷ୍ଟକ୍ ମାର୍କେଟ୍ ରେ ଆଗକୁ ବଢ଼ିବା ଶିଖିଥିଲେ ଏବଂ ନିଜର ସ୍ୱଳ୍ପ ପାରିବାରିକ ସମ୍ପତ୍ତିକୁ ତାଙ୍କ ଝିଅମାନଙ୍କ ସୌଭାଗ୍ୟରେ ପରିଣତ କରି ଦେଇଥିଲେ।
ବିବାହ ପରେ ମୁଁ ଡାକ୍ତରୀ ପଢ଼ିବାର ସୁଯୋଗ ହରାଇଥିଲି। କିନ୍ତୁ ଝିଅମାନେ ତୁମେ ନିଶ୍ଚିତ ତୁମ ଇଚ୍ଛା ମୁତାବକ ସବୁ କାମ କରିବ।


ମୀରା ଯେତେବେଳେ ବଡ଼ ହେଲେ, ସେ ହୃଦୟଙ୍ଗମ କରିପାରିଥିଲେ ଯେ ଗ୍ରାମାଞ୍ଚଳର ଗରିବ ଯୁବବର୍ଗଙ୍କୁ ଭାରତର ଆତ୍ମବିଶ୍ୱାସୀ ନାଗରିକ ଭାବେ ପରିଣତ କରିବା ଲାଗି ତାଙ୍କର ଆଗ୍ରହ ରହିଛି।
ଜଣେ ଚାଷୀ ହେବାରେ ଅସୁବିଧା କେଉଁଠି? ମୁଁ ବି ଜଣେ ଚାଷୀ, ତୁମ ଜେଜେବାପା ମଧ୍ୟ ଚାଷୀ ଥିଲେ...
ଠିକ୍ କଥା! ଏହି କାରଣରୁ ଆମେ ସବୁବେଳେ ଗରିବ ହୋଇ ରହିଛୁ।
ସେମାନେ ଗାଁରେ ସବୁବେଳେ ଦାରିଦ୍ର୍ୟ ଓ କ୍ଷୁଧା ଦେଖିଛନ୍ତି, ଅନ୍ୟପକ୍ଷରେ ସହରର ଯୁବପିଢ଼ି ଚକଚକିଆ ପୋଷାକ ପିନ୍ଧି ମୋଟର ବାଇକ୍ ଚଳାଉଥିବା ସେମାନେ ଚଳଚ୍ଚିତ୍ରରେ ଦେଖିଛନ୍ତି। ସେମାନଙ୍କୁ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି ନଚେତ୍ ସେମାନେ ଭୁଲ ନିଷ୍ପତ୍ତି ନେଇପାରନ୍ତି।
ମୀରା 2005ରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପାଇଁ ପ୍ରଥମ ଦକ୍ଷତା ବିକାଶ ମିଶନ ପ୍ରତିଷ୍ଠା କରିଥିଲେ। ଏହାକୁ ନିଯୁକ୍ତି ସୃଷ୍ଟି ଓ ବିପଣନ ମିଶନ୍ (ଇଜିଏମଏମ) କୁହାଗଲା।
ମୀରା ଅସୁବିଧାର ସାମ୍ନା କରିଥିଲେ କିନ୍ତୁ ସେ କଠିନ ପରିଶ୍ରମ କଲେ ଏବଂ ଇଜିଏମଏମକୁ ବିପୁଳ ସଫଳତା ମିଳିଲା, ତା'ପରେ, ଦିନେ-
ଏହି ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱର ୫୦% ଦିବ୍ୟାଙ୍ଗ ଜନସଂଖ୍ୟା ଭାରତ ଭଳି ବିକାଶଶୀଳ ଦେଶରେ ଅଛନ୍ତି।
ଆମେ ଏମିତି ଏକ ଭଲ କାର୍ଯ୍ୟକ୍ରମ ଆରମ୍ଭ କରିବା ଦରକାର ଯାହାକି ଦିବ୍ୟାଙ୍ଗ ପିଲାମାନଙ୍କୁ ଚାକିରି ଦେବାରେ ସହାୟକ ହେବ। ତୁମେ କ'ଣ ଭାବୁଛ ସୁବୋଧ?
ଏହା ଏକ ମହାନ ଚିନ୍ତାଧାରା।
ମୀରାଙ୍କ ସ୍ୱାମୀ, ଡାକ୍ତର ସୁବୋଧ ଶିନଏ ଜଣେ ବିଶିଷ୍ଟ ଚିକିତ୍ସକ ଥିଲେ।
ପ୍ରଥମେ ମୁଁ ଏଭଳି ସଫଳ ବ୍ୟକ୍ତିମାନଙ୍କୁ ଭେଟିବା ଉଚିତ୍ ଯେଉଁମାନେ ଦିବ୍ୟାଙ୍ଗ।
ଦିବ୍ୟାଙ୍ଗ ଲୋକମାନେ ଭଲ ପ୍ରଦର୍ଶନ କରିବା ଲାଗି କିଭଳି ଅନୁପ୍ରାଣିତ ହୋଇଥା'ନ୍ତି ସେ ସମ୍ପର୍କରେ ମୀରା ଅନେକ କିଛି ଶିଖିଥିଲେ। ଏହା ଏକ ପ୍ରେରଣାଦାୟୀ ପୁସ୍ତକ - 'ୟୁ କ୍ୟାନ୍'ର ରୂପ ନେଲା।




*ବଧିର

^ପଙ୍ଗୁ

**ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା

# ରିଂଫାମି ୟଙ୍ଗ




*ବୈଜ୍ଞାନିକ ଓ ଶିଳ୍ପ ପରିଷଦ (ସିଏସଆଇଆର) ଏବଂ ହିମାଳୟ ବାୟୋରିସୋର୍ସ ଟେକ୍ନୋଲୋଜି (ଆଇଏଚବିଟି) ଦ୍ୱାରା ପରିଚାଳିତ ଏକ ଯୁଗ୍ମ କାର୍ଯ୍ୟକ୍ରମ


ହଁ, କିନ୍ତୁ ଏବେ ଅନେକ ପ୍ରକାରର ସେଓ ରହିଛି।
'କମ୍ ଥଣ୍ଡା' କିସମର ଏକ୍ ସେଓ ରହିଛି ଯାହା ବଢ଼ିବା ପାଇଁ ପାରମ୍ପରିକ ଥଣ୍ଡା ତାପମାତ୍ରା ଦରକାର୍ ନାହିଁ । ଆମେ ଏ ସମ୍ପର୍କରେ ଆପଣ ମାନଙ୍କୁ କହିବାକୁ ଚାହୁଁଛୁ।
Training Programme
entific and Industrial Research
and OF Himalayan
resou nology (IHBT)
MENT INDIA.
ତଥାପି ସେଗୁଡ଼ିକ ବଢ଼ିବା ନେଇ କୌଣସି ଗ୍ୟାରେଣ୍ଟି ନାହିଁ। ଏତେ ବିପଦ ମୁଣ୍ଡାଇବ କିଏ?
ଅନେକ ଲୋକ ରାଜି ହେଲେ ନାହିଁ, କିନ୍ତୁ ରିଂଫାମି ଏଭଳି ସେଓ ସମ୍ପର୍କରେ ଯାହା ଜାଣିବାର ଥିଲା ଶିଖିଲେ।
ପରବର୍ତ୍ତୀ ବର୍ଷ ପ୍ରାରମ୍ଭରୁ, ମହାମାରୀ ଆସିଲା।
ଯେହେତୁ ଆମେ ଏବେ ଘରେ ରହିବା, ଚାଲ କମ୍ ଥଣ୍ଡା ସେଓ ଚାଷ ପାଇଁ ଚେଷ୍ଟା କରିବା।
ହଁ, ଏହା ପରୀକ୍ଷଣ ପାଇଁ ଭଲ ସମୟ ହେବ।
ସରକାରଙ୍କ ସହାୟତାରେ, ରିଂଫାମି ଏବଂ ଅନ୍ୟ କିଛି ଲୋକ ଆନ୍ନା, ଡୋର୍ସେଟ୍ ଗୋଲ୍ଡେନ୍ ଏବଂ ଅନ୍ୟ କମ୍ ଥଣ୍ଡା କିସମର ସେଓ ଗଛ ଲଗାଇଲେ।
ଏହିସବୁ ଚାରାକୁ ଅଧିକ ଯତ୍ନ ଆବଶ୍ୟକ।
ଠିକ୍ ଅଛି, ତାହା କରିବା ପାଇଁ ଆମ ପାଖରେ ଯଥେଷ୍ଟ ସମୟ ଅଛି।
ଏହି ଦମ୍ପତି ଚାରା ପାଇଁ ଆବଶ୍ୟକ ଯତ୍ନ ଯୋଗାଇ ଦେଲେ। ଗଛଗୁଡ଼ିକ ବଢ଼ିବା ଆରମ୍ଭ କଲା...
ମୁଁ ୨୦ଟି ଗଛ ଲଗାଇଥିଲି ଏବଂ ୪୫ଟି ବଞ୍ଚିଲା।


.... ଆଉ ଫୁଲ ଧରୁଛି। 2021ରେ -
ସେଓ! ଅନେକ ସେଓ ଫଳିଛି!
ସେହି ପ୍ରଥମ ବର୍ଷ, ସେମାନେ ପ୍ରାୟ 200 କିଲୋଗ୍ରାମ ସେଓ ଉତ୍ପାଦନ କଲେ।
ଏପରି ଏକ ସ୍ଥାନରେ ଯେଉଁଠି ସେଓ କେବେ ବଢ଼ିନଥିଲା!
ଏହା ଏକ ଚମତ୍କାର!
ଏହି ଖୁସିକୁ ପାଳନ କରିବା ପାଇଁ, ରିଂଫାମି ନିଜ ଉତ୍ପାଦିତ ସେଓରୁ ଅଧିକାଂଶ ଭାଗ ବନ୍ଧୁ ଓ ପରିବାର ମଧ୍ୟରେ ବାଣ୍ଟିଦେଲେ।
ରିଂଫାମିଙ୍କୁ ମନ କୀ ବାତରେ ସ୍ଥାନ ମିଳିଲା ଏବଂ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ମଧ୍ୟ ତାଙ୍କୁ ପ୍ରଶଂସା କରିଥିଲେ।
ଏହି ସୁସ୍ଥ ଫସଲକୁ ଦେଖି ମୁଁ ଭାରି ଖୁସି। ଆପଣ ସାହସ କଲେ ଏବଂ ଆପଣଙ୍କର କଠିନ ପରିଶ୍ରମ ଆମ ଉଦ୍ୟାନ କୃଷି କ୍ଷେତ୍ର ପାଇଁ ଏକ ବଡ଼ ଆଶା ନେଇ ଆସିଛି।
ତାଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ମିଳିଲା।
ଏହି ଅର୍ଥ ସହିତ, ଆମେ ଆମ ସେଓ ଉତ୍ପାଦନକୁ ବିସ୍ତାରିତ କରିପାରିବା।
ଉଖରୁଲରେ ଆମର ଶୀତଳ ଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା ଆବଶ୍ୟକ। ଏହା ଆମକୁ ଓ ଅନ୍ୟ ଚାଷୀମାନଙ୍କୁ ସହାୟକ ହେବ। ଆମର ଉତ୍ପାଦକୁ ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖି ହେବ ଏବଂ ସେଗୁଡ଼ିକ ବଜାରରେ ପହଞ୍ଚି ପାରିବ।
ରିଂଫାମି ଏବେ ଅନ୍ୟ ଚାଷୀମାନଙ୍କୁ ସେଓ ଚାଷ ସମ୍ପର୍କରେ ତାଲିମ ଦେବାକୁ ଯାଉଛନ୍ତି ଯାହାଫଳରେ ମଣିପୁର ନିଜସ୍ୱ ଉତ୍ପାଦିତ ସେଓକୁ ନେଇ ଆଗକୁ ବଢ଼ିପାରିବ।

# ଶ୍ରୀଧର ଭେମ୍ବୁ




*ବାପା

^ଆମେରିକା ନ୍ୟୁ ଜର୍ସୀର ଏକ ସମ୍ମାନଜନକ ବିଶ୍ୱବିଦ୍ୟାଳୟ


ଶ୍ରୀଧରଙ୍କ ଭିତରେ ଏକ ଉଦ୍ୟମିତା ଭାବନା ବଢୁଥିଲା। ୧୨୨୬ରେ -
କେତେଦିନ ପର୍ଯ୍ୟନ୍ତ ଆମେ ଅନ୍ୟମାନଙ୍କ ପାଇଁ କାମ କରୁଥିବା? ଆମେ କାହିଁକି ନିଜର ଏକ କମ୍ପାନୀ ଆରମ୍ଭ କରିବା ନାହିଁ?
ଆମେ ଭାଇମାନେ ବ୍ୟବସାୟିକ ସହଯୋଗୀ ହୋଇପାରିବା!
ସେମାନେ ମିଶି ଆଡଭେଣ୍ଟ ନେଟ୍ ନାମକ ସଫ୍ଟୱେର ଡେଭଲପମେଣ୍ଟ ସଂସ୍ଥା ପ୍ରତିଷ୍ଠା କଲେ।
ଶ୍ରୀଧର ଓ ତାଙ୍କ ପରିବାର ଲୋକଙ୍କ ଜୀବନରେ ଉନ୍ନତି ଆସିବାକୁ ଲାଗିଲା।
ଚାରି ବର୍ଷ ଭିତରେ ଆମ କମ୍ପାନୀର ରାଜସ୍ୱ ଦଶ ନିୟୁତ ଡଲାର ଟପିଗଲା!
ଏବେ ଆମ ଅଟକିବା ନାହିଁ!
2009ରେ କମ୍ପାନୀର ନାମକରଣ ଜୋହୋ କର୍ପୋରେସନ୍ କରାଗଲା। ପରବର୍ତ୍ତୀ 10 ବର୍ଷ ମଧ୍ୟରେ, ଏହା ଆମେରିକା ଏବଂ ବିଶ୍ୱର ବିଶିଷ୍ଟ ଟେକ୍ କମ୍ପାନୀରେ ପରିଣତ ହେଲା।
ବ୍ୟବସାୟ ଓ ଲାଭ ବ୍ୟତୀତ ଭେମ୍ବୁଙ୍କ ମନରେ ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଆଗ୍ରହ ରହିଥିଲା।
ମୁଁ ଯଦି ନିଜ ଦେଶକୁ କିଛି ସାହାଯ୍ୟ କରିପାରିବି ନାହିଁ ତା'ହେଲେ ଏତେ ସବୁ ସଫଳତାର ଲାଭ କ'ଣ? ମୁଁ ଦେଶକୁ ଫେରିଯିବା ଉଚିତ୍। ମୁଁ ନିଯୁକ୍ତି ସୃଷ୍ଟି ପାଇଁ ନିଜ ସମ୍ବଳକୁ ଉପଯୋଗ କରିବା ଏବଂ ସଫ୍ଟୱେର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ସହାୟତା କରିବା ଉଚିତ୍ ।
ଖୁବଶୀଘ୍ର -
ମୁଁ ଚାହେଁ ଆମେ ଭାରତକୁ ଫେରିଯିବା। ମୁଁ ତାମିଲନାଡୁର ମତଲମ୍ପରାଇ ଗାଁରେ ଆମ ଅଫିସ୍ ଖୋଲିବାକୁ ଚାହିଁବି।
ଭାରତ ଫେରିଯିବାର ଉପାୟ ମୋତେ ଭଲ ଲାଗିଲା।
କିନ୍ତୁ ଆମେ ଗାଁରୁ କିଭଳି ଆମ କାର୍ଯ୍ୟ ସମ୍ପାଦନ କରିପାରିବା?
ବଡ଼ ସହରଗୁଡ଼ିକ ଜନସଂଖ୍ୟା ବହୁଳ ଏବଂ ପ୍ରଦୂଷିତ। ତା'ଛଡ଼ା, ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ରହିଛନ୍ତି। ଆମେ ଭାରତର ପ୍ରତ୍ୟେକ ଭାଗରେ ସୁଯୋଗ ସୃଷ୍ଟି କରିବା ଉଚିତ୍ ।




*30,000 କୋଟିରୁ ଅଧିକ

# ବେଦାଙ୍ଗୀ କୁଲକର୍ଣ୍ଣୀ


ତୁମମାନଙ୍କ ଭିତରୁ କେତେଜଣ ସାଇକେଲ ନେଇ ସ୍କୁଲ ଆସ?
ମୁଁ ଆସେ, ସାର୍।
ମୁଁ ବି।
ମୁଁ ମଧ୍ୟ ଆସେ।
ଆଜି ମୁଁ ବେଦାଙ୍ଗୀ କୁଲକର୍ଣ୍ଣୀ ନାମ୍ନୀ ଜଣେ ଯୁବତୀଙ୍କ ବିଷୟରେ ତୁମମାନଙ୍କୁ କହିବି ଯିଏକି ସର୍ବକନିଷ୍ଠ ମହିଳା ଭାବେ ସାଇକେଲରେ ସାରା ବିଶ୍ୱ ଭ୍ରମଣ କରିଛନ୍ତି।
ପିଲାଦିନୁ ବେଦାଙ୍ଗୀଙ୍କର ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହ ରହି ଆସିଥିଲା। ସେ ଘର ଭିତରେ ଯେତିକି ସମୟ ବିତାଇଥିଲେ ବାହାରେ ମଧ୍ୟ ସେତିକି ସମୟ ବିତାଇଥିଲେ।
ବାଃ, ତାହା ଏକ ଭଲ ଉଚ୍ଚତା।
ଏଠାକାର ଦୃଶ୍ୟ ଅତି ସୁନ୍ଦର!
17 ବର୍ଷ ବୟସରେ ନିଜ ବାପା-ମା'ଙ୍କ ସହାୟତାରେ ବେଦାଙ୍ଗୀ ସାଇକେଲରେ ହିମାଳୟ ପାର୍ କରିବା ପାଇଁ ନିଷ୍ପତ୍ତି ନେଲେ।
ନିୟମ ଅନୁଯାୟୀ ଯେକୌଣସି ଟୁରରେ ସାମିଲ ହେବା ପାଇଁ ତା'ର ବୟସ ଖୁବ୍ କମ୍।
ଆମେ କାରରେ ତା' ପଛେ ପଛେ ଯିବା। ଏହା ନିରାପଦ କିନ୍ତୁ ସେ ତଥାପି ସ୍ୱାଧୀନ ଅନୁଭବ କରିବେ।
ଅଢ଼େଇ ସପ୍ତାହ ଏବଂ 767 କିଲୋମିଟର ବିତିଯିବା ପରେ, ବେଦାଙ୍ଗୀ ମନାଲିରୁ ଶ୍ରୀନଗର ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା କରିଥିଲେ।
ହୁଁ, ଏହା ପରେ ମୁଁ କୁଆଡ଼େ ଯିବା ଉଚିତ୍?


ସ୍କୁଲ୍ ପାଠ ପଢ଼ା ଶେଷ କରିବା ପରେ ସେ କ୍ରୀଡ଼ା ପରିଚାଳନା ବିଷୟରେ ପଢ଼ିବା ଲାଗି ଇଂଲଣ୍ଡ ଗଲେ। ଏଠାକାର ଲୋକ, ଏ ସ୍ଥାନ, ଏଠାକାର ସଂସ୍କୃତି - ସମ୍ପୂର୍ଣ୍ଣ ଭିନ୍ନ ଏବଂ ମନମୋହକ ଥିଲା।
ମୁଁ ଏଠି କ'ଣ ନୂଆ ବନ୍ଧୁ କରିବି? ମୁଁ ଏଠି କେମିତି ମିଶି ପାରିବି?
ଗୋଟିଏ କଥା ଯାହା ବଦଳିଲା ନାହିଁ ତାହା ହେଉଛି ବାହାର ଦୁନିଆ ପ୍ରତି ତାଙ୍କର ଆଗ୍ରହ।
ଖୋଲା ଆକାଶ ତଳେ ସାଇକେଲ ଚଳାଇବା ଆରମ୍ଭ କରିବା ପରେ ତାଙ୍କର ଚିନ୍ତା ଦୂର ହୋଇଗଲା। ସେ ସ୍ୱାଧୀନ ଅନୁଭବ କରୁଥିଲେ।
ମୁଁ ସାଇକେଲରେ ବିଶ୍ୱ ଭ୍ରମଣ କରିବାକୁ ଚାହୁଁଛି ଏବଂ ସବୁଠୁ ଦ୍ରୁତ ରେକର୍ଡ ଭାଙ୍ଗି ପାରିବି କି ନାହିଁ ମୁଁ ଦେଖିବାକୁ ଚାହୁଁଛି।
ବେଦାଙ୍ଗୀଙ୍କ ନିଷ୍ପତ୍ତି ତାଙ୍କ ଜୀବନ ବଦଳାଇବାକୁ ଯାଉଥିଲା।
କଲେଜ୍ ପଢ଼ା ଜାରି ରଖିବା ସହିତ ସେ ପୂର୍ବାପେକ୍ଷା ଅଧିକ କଠିନ ପ୍ରଶିକ୍ଷଣ ନେବା ଆରମ୍ଭ କଲେ।
ସଫଳ ହେବା ପାଇଁ ମୋତେ ଶାରୀରିକ ଓ ମାନସିକ ଭାବେ ଉତ୍ସାହିତ ରହିବାକୁ ପଡ଼ିବ।
ମାର୍ଗ ନିର୍ଦ୍ଧାରଣ କରାଗଲା, କାଗଜପତ୍ର କାମ ଶେଷ ହେଲା ଏବଂ ଅଭିଯାନ ପାଇଁ ଏକ ନୂଆ ସାଇକେଲ୍ ତିଆରି ହେଲା।
ଏହା ଏକଦମ୍ ଠିକ୍! ମୁଁ ଏହାର ନାଁ କ୍ୟାପେଚିନୋ ରଖିବି।
17 ଜୁଲାଇ 2018ରେ ବେଦାଙ୍ଗୀ ଯାତ୍ରା ଆରମ୍ଭ କଲେ।
ଅଷ୍ଟ୍ରେଲିଆରୁ ଆରମ୍ଭ କରି ସେ 14ଟି ଦେଶରେ ନିଜର ଯାତ୍ରା ସମ୍ପୂର୍ଣ୍ଣ କଲେ।


କାନାଡ଼ାରେ ଏକ ଧୂସର ଭାଲୁ ହାବୁଡ଼ରେ ଅଳ୍ପକେ ବର୍ତ୍ତିଯିବା...
.... ଆହୁରି ସ୍ପେନରେ ଛୁରି ମୁନରେ ଲୁଟ୍ ର ଶିକାର ହେବା...
...ରୁଷରେ ରକ୍ତ ଜମାଟ ବାନ୍ଧି ଦେଉଥିବା ବରଫରେ ଶିବିର କରି ରହିବା...
... ରାସ୍ତାରେ ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା।
କିନ୍ତୁ, ଗୋଟିଏ ଦୃଷ୍ଟିରୁ ଏସବୁ ଲାଭଜନକ ଥିଲା। ସେ ନୂଆ ବନ୍ଧୁମାନଙ୍କୁ ପାଇଲେ।
... ନିଜ କ୍ଷମତାକୁ ନେଇ ତାଙ୍କର ଆତ୍ମବିଶ୍ୱାସ ବଢ଼ିଲା...
.... ରାସ୍ତାରେ ସେ ନିଜର 20ତମ ଜନ୍ମ ଦିନ ପାଳନ କରିଥିଲେ।
24 ଡିସେମ୍ବର, 2018ରେ ବେଦାଙ୍ଗୀ ଅଷ୍ଟ୍ରେଲିଆରେ ଫିନିଶ୍ ଲାଇନରେ ପହଞ୍ଚିଥିଲେ।
29,000 କିଲୋମିଟର୍। ମୁଁ ଏହାକୁ କରିଦେଲି।
ଏହି ସଫଳତା ପାଇବାରେ ସେ ଦ୍ରୁତତମ ମହିଳା ହୋଇପାରିଲେ ନାହିଁ, ଯାହାପାଇଁ ସେ ସ୍ୱପ୍ନ ଦେଖିଥିଲେ, କିନ୍ତୁ ସେ ସର୍ବକନିଷ୍ଠ ହୋଇପାରିଲେ।
2023ରେ, ବେଦାଙ୍ଗୀ ଦ୍ରୁତତମ ମହିଳା ଭାବେ ସାଇକେଲରେ ଲେହ-ମନାଲି ରାଜପଥ ପାର୍ ହୋଇଥିଲେ। ଏବେ ସେ ନିଜ ଅନୁଭୂତି ବିଷୟରେ ଉଦବୋଧନ ଦେଉଛନ୍ତି।
ସହନଶୀଳତା ଏକ ମାନସିକ ସ୍ଥିତି ବୋଲି ମୁଁ ସାଇକେଲ୍ ଚାଳନାରୁ ଶିଖିପାରିଛି।
ନିଜ ସକ୍ଷମ ଅନୁଯାୟୀ ଦୁଃସାହସିକ କ୍ରୀଡ଼ା ଆରମ୍ଭ କରିବା ଲାଗି ସେ 'ଦ ଆଡଭେଞ୍ଚର୍ ଶେଡ୍' ନାମରେ ଏକ ଅଭିଯାନ ପରିଚାଳନା କମ୍ପାନୀ ଆରମ୍ଭ କରିଛନ୍ତି।



# ମନ୍ କୀ ବାତ୍

## ଅଧ୍ୟାୟ 9

ସଂକଳ୍ପ ଦୃଢ଼ ରହିଲେ କିଛି ବି ଅସମ୍ଭବ ନୁହେଁ । ଅକ୍ଷମତା, ଦାରିଦ୍ର୍ୟ, ଶିକ୍ଷା କିମ୍ବା ସମ୍ବଳର ଅଭାବ ଥିଲେ ସୁଦ୍ଧା ଦୃଢ଼ମନା ଲୋକମାନେ ଯେକୌଣସି ବାଧାକୁ ଅତିକ୍ରମ କରି ନିଜର ଓ ଅନ୍ୟମାନଙ୍କର ସହାୟତା କରିବା ସହିତ ନିଜର ଲକ୍ଷ୍ୟ ହାସଲ କରିପାରିଛନ୍ତି।

ମନ୍ କୀ ବାତ୍ ର ନବମ ଅଧ୍ୟାୟ ସାରା ଦେଶର ସେହି ଲୋକମାନଙ୍କ ଉପରେ ଆଧାରିତ ଯେଉଁମାନଙ୍କର ଧୈର୍ଯ୍ୟ ଓ ଦୃଢ଼ ସଂକଳ୍ପ ସେମାନଙ୍କ ଆଗକୁ ଆସୁଥିବା ଆହ୍ୱାନ ଠାରୁ ବହୁତ ବଡ଼ ଥିଲା।

20 ବର୍ଷ ବୟସରେ ସର୍ବକନିଷ୍ଠ ମହିଳା ଭାବେ ସାଇକେଲରେ ବିଶ୍ୱ ପରିକ୍ରମା କରିଥିବା ବେଦାଙ୍ଗୀ କୁଲକର୍ଣ୍ଣୀଙ୍କ ଠାରୁ ଆରମ୍ଭ କରି ଅସମ୍ଭବ ମନେ କରାଯାଉଥିବା ସ୍ଥାନରେ ସେଓ ଚାଷ କରିଥିବା ରିଂଫାମି ଓ ଏଞ୍ଜେଲ୍ ୟଙ୍ଗଙ୍କ ପର୍ଯ୍ୟନ୍ତ କିମ୍ବା ନିଜ ଭଳି ଗ୍ରାମୀଣ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଲାଗି ଏକ ଗୋଷ୍ଠୀ ବ୍ୟାଙ୍କ ଗ୍ରୁପ୍ ଆରମ୍ଭ କରିଥିବା ମଦୁରାଇ ଚିନ୍ନା ପିଲାଇଙ୍କ ପର୍ଯ୍ୟନ୍ତ। ମନରେ ଆଗ୍ରହ ଥିଲେ ଜୀବନରେ ଯେକୌଣସି ଲକ୍ଷ୍ୟ ହାସଲ କରିବା ସମ୍ଭବ ତାହା ଏସବୁ କାହାଣୀ ଦ୍ୱାରା ପ୍ରମାଣିତ ହେଉଛି।



₹99

www.amarchitrakatha.com
ISBN 978-93-6127-201-1
9 789361 272011